ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.131 Bhubaneswar Thursday, July 08, 2021 | ୨୪ତମ ବର୍ଷ ସଂଖ୍ୟା–୧୩୧ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୦୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହେଲେ ୧୫ କ୍ୟାବିନେଟ୍ ମନ୍ତ୍ରୀ, ୨୮ ରାଷ୍ଟ୍ରମନ୍ତ୍ରୀ

- ଶପଥପାଠ କରାଇଲେ ରାଷ୍ଟ୍ରପତି
- ମନ୍ତ୍ରିମଣ୍ଡଳରେ ଓଡିଶାରୁ ୨ ସାଂସଦ
- ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ମନ୍ତ୍ରୀ, ବିଶେଶ୍ୱର ଟୁଡୁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଲେ





ନୂଆଦିଲ୍ଲୀ /ଭୁବନେଶ୍ୱର, ୭।୭(ପି.ଏନ): ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ ହୋଇଛି। ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି ୧୫ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ୨୮ ଜଣ ରାଷ୍ଟ୍ରମନ୍ତ୍ରୀ। ଏହା ମଧ୍ୟରେ ଓଡିଶାରୁ ୨ ଜଣ ରହିଛନ୍ତି। ଓଡିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ମିଳିଥିବା ବେଳେ ମୟୁରଭଂଜର ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବୁଧବାର ସଂଧ୍ୟାରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଶପଥ ସମାରୋହ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥିତ ଥିଲେ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇଛନ୍ତି ଓଡିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ। ସେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶ୍ରୀ ବୈଷ୍ଣବ ଓଡ଼ିଶା କ୍ୟାଡ଼ରର ଆଇଏଏସ୍ ଅଫିସର ଥିଲେ। ପରେ ଚାକିରି ଛାଡ଼ି ରାଜନୀତିରେ ଯୋଗଦେଇଥିଲେ।ଶ୍ରୀ ବୈଷ୍ଣବଙ୍କ ସମେତ ନାରାୟଣ ରାଣେ, ସର୍ବାନନ୍ଦ ସୋନୱାଲ, ବୀରେନ୍ଦ୍ର କୁମାର, ଜ୍ୟୋତିରାଦିତ୍ୟ ସିନ୍ଧିଆ, ରାମଚନ୍ଦ୍ର ପ୍ରସାଦ ସିଂ, ପଶୁପତି କୁମାର ପାରସ, କିରେନ୍ ରିଜିଜୁ, ରାଜ କୁମାର ସିଂ, ହରଦୀପ ସିଂ ପୁରୀ, ମନସୁଖ ମାଣ୍ଡଭିଆ. ଭୁପେନ୍ଦର ଯାଦବ, ପରଶୋତମ ରୁପାଲା, ଜି କିସାନ ରେଡ୍ଡୀ ଓ ଅନୁରାଗ ସିଂ ଠାକୁର ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୧୯୯୪ ବ୍ୟାଚ୍ ଓଡ଼ିଶା କ୍ୟାଡ଼ର ଆଇଏଏସ୍ ଶ୍ରୀ ବୈଷ୍ଣବ ୨୦୧୯ ମସିହାରେ ଓଡ଼ିଶାରୁ ବିଜେପି ଟିକେଟରେ ନିଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କୁ ବିଜେଡି ସମର୍ଥନ କରିଥିଲା। ୨୦୦୪ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଶ୍ରୀ ବୈଷ୍ଣବ ମଧ୍ୟ କାର୍ଯ୍ୟ କରିଥିଲେ। ଶ୍ରୀ ବୈଷ୍ଣବ ଆଇଏଏସ୍ ଅଫିସର ଭାବେ ବାଲେଶ୍ୱର ଓ କଟକର ଜିଲ୍ଲାପାଳ ଭାବେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ପିଏମଓରେ ଉପସଚିବ ଭାବେ ଅବସ୍ଥାପିତ ହୋଇଥିଲେ। ଯେଉଁ ସମୟରେ ନିଆଯାଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିରେ ସିଧାସଳଖ ରହିଥିଲା ତାଙ୍କର ସଂପୃକ୍ତି। ଏମିତିକି ବାଜପେୟୀ ପଦ ଛାଡିବା ପରେ ତାଙ୍କ ବ୍ୟକ୍ତିଗତ ସଚିବ ଭାବେ ମଧ୍ୟ କାମ କରିଥିଲେ ଅଶ୍ୱିନୀ। ତେବେ ପରେ ସେ ପ୍ରାଶାସନିକ ସେବାରୁ ଅବ୍ୟାହତି ନେଇ କର୍ପୋରେଟ କ୍ଷେତ୍ରରେ ଯୋଗ ଦେଇଥିଲେ। ଜି.ଏ. ଟ୍ରାନ୍ସପୋର୍ଟ ଓ ସିମେନ୍ସ ଭଳି କମ୍ପାନୀର ଉଚ୍ଚ ପଦବୀରେ ବେଶ୍ ଦକ୍ଷତାର ସହ ଦାୟିତ୍ୱ ସଂପାଦନ କରିଥିଲେ। ଓଡ଼ିଶାରୁ ସାଂସଦ ବିଶ୍ୱେଶ୍ୱର ଟୁଡୁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବିଶ୍ୱେଶ୍ୱର ଟୁଡୁ ହେଉଛନ୍ତି ମୟୂରଭଞ୍ଜ ଲୋକସଭା ସାଂସଦ। ବିଶ୍ୱେଶ୍ୱର ଟୁଡୁ ଜଣେ ନିର୍ବିବାଦୀୟ ଚେହେରା। ଉତର ଓଡ଼ିଶାର ଜଣେ ଜଣାଶୁଣା ଆଦିବାସୀ ନେତା। ସପ୍ତଦଶ ଲୋକସଭାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟିର ସଦସ୍ୟଭାବେ ସ୍ଥାନ ପାଇଛନ୍ତି। ସେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସହ କେମିକାଲ ଓ ଫର୍ଟିଲାଇଜର ଷ୍ଟାଣ୍ଡିଂ କମିଟି ଓ ସଂସ୍କୃତି ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପରାମର୍ଶଦାତା କମିଟିର ସଦସ୍ୟ ଅଛନ୍ତି।ଶ୍ରୀ ଟୁଡୁ ୧୯୬୫ରେ ମୟୂରଭଞ୍ଜ ଜିଲ୍ଲା ଖୁଂଟାପାଳରେ ଜନ୍ମଗ୍ରହଣ କରିଥିଲେ। ସେ ଇଲେକଟ୍ରିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା ହାସଲ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ଶୃଙ୍ଖଳିତ ସଭ୍ୟ ରହିବା ସହ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସମ୍ପାଦକ ମଧ୍ୟ ଅଛନ୍ତି ଟୁଡୁ। ଏଥିସହ ଗତ ୧୯ ବର୍ଷ ଧରି ବିଶ୍ୱ ହିନ୍ଦୁ ପରିଷଦ ଓ ବନବାସୀ କଲ୍ୟାଣ ଆଶ୍ରମ ସହ ଜଡିତ ଅଛନ୍ତି। ବିଶ୍ୱେଶ୍ୱର କେବଳ ମୟୂରଭଞ୍ଜ ଲୋକସଭା ଆସନରୁ ବିଜେପି ବାନା ଉଡ଼ାଇଛନ୍ତି ତା ନୁହେଁ, ତାଙ୍କ ଜିଲ୍ଲାରେ ୬ଟି ବିଧାନସଭା ଆସନରେ ମଧ୍ୟ ଜିତିଛି ଭାରତୀୟ ଜନତା ପାର୍ଟି। ବିଶ୍ୱେଶ୍ୱର ଟୁଡୁଙ୍କ ବ୍ୟତୀତ ୨୭ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ପାଠ କରାଇଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଆଜି ଶପଥ ପାଠ କରିଥିବା ମନ୍ତ୍ରୀମାନେ ହେଲେ- ପଙ୍କଜ ଚୌଧୁରୀ, ଅନୁପ୍ରିୟା ପଟେଲ, ଏସ୍.ପି ସିଂ ବଘେଲ, ରାଜୀବ ଚନ୍ଦ୍ରଶେଖର, ସୁଶ୍ରୀ ଶୋଭା କରନ୍ଦଲାଜେ, ଭାନୁପ୍ରତାପ ସିଂ ବର୍ମା, ଦର୍ଶନା ବିକ୍ରମ ଜାର୍ଦୋଶ, ମିନାକ୍ଷୀ ଲେଖି, ଅନ୍ନପୂର୍ଣ୍ଣା ଦେବୀ, ଏ. ନାରାୟଣ ସ୍ୱାମୀ, କୌଶଲ କିଶୋର, ଅଜୟ ଭଟ୍ଟ, ବି.ଏଲ୍. ବର୍ମା, ଅଜୟ କୁମାର, ଚୌହ୍ୱାନ ଦେବୁସିଂ, ଭଗୱତ ଖୁବା, କପିଲ ମୋରେଶ୍ୱର ପାଟିଲ, ପ୍ରତିମା ଭୌମିକ, ସୁଭାଷ ସରକାର, ଭାଗବତ କିଶନରାଓ କରାଦ, ରାଜକୁମାର ରଂଜନ ସିଂହ, ଭାରତୀ ପ୍ରବୀଣ ପାୱାର, ଶାନ୍ତନୁ ଠାକୁର, ମୁଞ୍ଜାପାରା ମହେନ୍ଦ୍ରଭାଇ, ଜନ ବାର୍ଲା, ଏଲ୍. ମୁରୁଗାନ୍ ଓ ନିଶିଥ ପ୍ରମାଣିକ।

## ଇସ୍ତଫା ଦେଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ନୂଆଦିଲ୍ଲୀ /ଭୁବନେଶ୍ୱର, ୭।୭(ପି.ଏନ):କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ପ୍ରତାପ ଷଡ଼ଙ୍ଗୀ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଏମଏସଏମଇ ଓ ପଶୁ ସମ୍ପଦ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ। ବାଲେଶ୍ୱରରୁ ପ୍ରଥମ ଥର ସାଂସଦ ହୋଇଥିବା ପ୍ରତାପଙ୍କୁ ୨୦୧୯ରେ ମୋଦୀ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ କରିଥିଲେ। ସେତେବେଳେ ପ୍ରତାପଙ୍କୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା।ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରି ମଣ୍ଡଳରେ ୪୩ ମନ୍ତ୍ରୀ ସାମିଲ ହୋଇଥିବା ବେଳେ ଏହା ପୂର୍ବରୁ ବହୁ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା ହର୍ଷବର୍ଦ୍ଧନ, ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ, ଓଡ଼ିଶାର ପ୍ରତାପ ଷଡ଼ଙ୍ଗୀ ଓ ପରିବେଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ବାବୁଲ ସୁପ୍ରିଓ ଅଛନ୍ତି। ସନ୍ତୋଷ ଗଙ୍ଗୱାର(ଶ୍ରମ ରାଷ୍ଟ୍ରମନ୍ତ୍ରୀ), ଥାୱରଚାନ୍ଦ ଗେହଲଟ(ସାମାଜିକ ନ୍ୟାୟ ମନ୍ତ୍ରୀ), ସଦାନନ୍ଦ ଗୌଡ଼ା(ସାର ଓ ରସାୟନ ମନ୍ତ୍ରୀ), ସଞ୍ଜୟ ଧୋତ୍ରେ(ଶିକ୍ଷା ରାଷ୍ଟ୍ରମନ୍ତ୍ରୀ), ରାଓ ସାହେବ ଧାନଭେ ପାଟିଲ( ଖାଉଟି ବ୍ୟାପର ରାଷ୍ଟ୍ରମନ୍ତ୍ରୀ), ଦେବଶ୍ରୀ ଚୌଧୁରୀ(ଶିଶୁ ଓ ମହିଳା ବିକାଶ ରାଷ୍ଟ୍ରମନ୍ତ୍ରୀ), ରତନ ଲାଲ କଟାରିଆ(ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ) ଓ ଅଶ୍ୱିନୀ କୁମାର ଚୌବେ(ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ) ପ୍ରମୁଖ ଇସ୍ତଫା ଦେଇଛନ୍ତି।

## ଆଇବିଡିପି ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ବାଜିମାତ



ଭୁବନେଶ୍ୱର,୭।୭(ପି.ଏନ): ଇଣ୍ଟରନ୍ୟାସ୍ନାଲ୍ ବାକାଲରେଟ୍ ଡିପ୍ଲୋମା ପ୍ରୋଗ୍ରାମ୍ (ଆଇବିଡିପି) ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମଙ୍ଗଳବାର ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ୨୫ ପ୍ରତିଶତ ଛାତ୍ରଛାତ୍ରୀ ୪୦ ପଏଣ୍ଟରୁ ଉର୍ଦ୍ଧ୍ୱ ସ୍କୋର କରିଥିବା ବେଳେ ସ୍କୁଲ୍ର ହାରାହାରି ସଫଳତା ୩୬ ପଏଣ୍ଟ ରହିଛି। ସ୍କୁଲ୍ର ସାତ୍ତ୍ୱିକ ପାଣିଗ୍ରାହୀ ମୋଟ ୪୫ ପଏଣ୍ଟରୁ ସର୍ବାଧିକ ୪୩ ପଏଣ୍ଟ ସହ ସମସ୍ତ ୬ଟି ଯାକ ବିଷୟରେ ସର୍ବାଧିକ ୭ ପଏଣ୍ଟ ହାସଲ୍ କରି ସ୍କୁଲ୍ ଟପ୍ପର ଓ ବର୍ଷର ଭାଲେଡିକ୍ଟୋରିଆନ୍ ହେବା ସହ ଆମେରିକାର ନିଉୟର୍କ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ପଢ଼ିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସମୀକ୍ଷା ସାମନ୍ତରାୟ ୪୨ ପଏଣ୍ଟ ହାସଲ କରି ସାଲ୍ୟୁଟାଟୋରିଆନ୍ ହେବା ସହ ସିଙ୍ଗାପୁରସ୍ଥିତ ନନ୍ୟାଙ୍ଗ ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଭାସ୍ୱତୀ ବାସୁମାତାରି ୪୧ ପଏଣ୍ଟ ସହ ଇଂଲଣ୍ଡର କେମ୍ବ୍ରିଜ୍ ଅଧୀନସ୍ଥ ଟ୍ରିନିଟି କଲେଜ ଓ ଜୟଦୀପ ଦାଶ ୪୦ ପଏଣ୍ଟ ସହ ଲଣ୍ଡନର ଇମ୍ପେରିଆଲ୍ କଲେଜରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟାଂଶ ବଳ ଓ ସ୍ୱାଧୀନ ରାଉତ କାନାଡ଼ାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟରେ, ଉନିକା ଦାଶ ଇଂଲଣ୍ଡର ୟୁନିଭରସିଟି ଅଫ୍ ସେଫିଲ୍ଡରେ ଉଚ୍ଚଶିକ୍ଷା ପାଇବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ବି. ଅଙ୍କିତ ପାତ୍ର ଆମେରିକାର ପରଡିଉ ବିଶ୍ୱବିଦ୍ୟାଳୟ ଓ ଅଙ୍କିତା ନାୟକ ଇଂଲଣ୍ଡର ୱାରିକ୍ ଓ କିଙ୍ଗସ କଲେଜରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଆଇବିଡିପି ପାଠ୍ୟକ୍ରମ ପ୍ରଦାନ କରିଆସୁଛି। ଏହା ଦ୍ୱାରା ଏହି ଡିପ୍ଲୋମା ପ୍ରୋଗ୍ରାମ ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାରେ ସହାୟକ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଲଗାତାର ୭ ପଏଣ୍ଟ ଲେଖାଏଁ ସ୍କୋର କରି ସ୍କୁଲ୍ର ଗୁଣାତ୍ମକ ଶିକ୍ଷା ପ୍ରତିପାଦିତ କରିପାରିଛନ୍ତି। ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ମହାମାରୀ ସତ୍ତ୍ୱେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଆଇବିଡିପି ଛାତ୍ରଛାତ୍ରୀମାନେ ପୂର୍ବ ଧାରା ବଜାୟ ରଖି ବ୍ୟାପକ ସଫଳତା ହାସଲ କରିପାରିଛନ୍ତି। ଶ୍ରୀ ସାମନ୍ତ ଏଥିପାଇଁ ସ୍କୁଲ୍ର ଚେୟାରପର୍ସନ ଡ. ମୋନା ଲିସା ବଳ, ଅଧକ୍ଷ ଡ. ସଞ୍ଜୟ ସୁଆର ଓ ଇଣ୍ଟରନ୍ୟାସ୍ନାଲ୍ କରିକୁଲମ୍ ମୁଖ୍ୟ ନନ୍ଦିତା ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଛାତ୍ରଛାତ୍ରୀଙ୍କୁ ଘରକୁ ଘର ବୁଲି ପାଠ ପଢାଇବେ ସରକାର

ଭୁବନେଶ୍ୱର, ୭।୭(ପି.ଏନ): ଅନଲାଇନ୍ ଶିକ୍ଷାରୁ ବଂଚିତ ଛାତ୍ରଛାତ୍ରୀଙ୍କୁ ଘରେ ପାଠ ପଢାଯିବ। ଇଂଟରନେଟ ନଥିବା ଉପାନ୍ତ ଅଂଚଳଗୁଡ଼ିକରେ ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଘରକୁ ଘର ବୁଲି ପାଠ ପଢାଇବେ। ଇଂଟର୍ନସିପ୍ ପ୍ରୋଗ୍ରାମ ମାଧ୍ୟମରେ ସେମାନେ ପାଠ ପଢାଇବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।ସିବିଟି ମାଧ୍ୟମରେ ୧୦ ହଜାର ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଏମାନେ ୧୦୦୦୦ ଗାଁରେ ପାଠ ପଢାଇବେ। ଜଣେ ଲେଖାଏଁ ଛାତ୍ର ୧୦ ଜଣ ପିଲାଙ୍କୁ ପାଠ ପଢାଇବେ। ଟିଚର୍ ଏଡୁକେଟେର୍ ସେମାନଙ୍କୁ ଗାଇଡ୍ କରିବେ। ଆଉ ବାକି ପିଲାଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯିବ ସେନେଇ ସମୀକ୍ଷା ଚାଲିଛି। ଏହା ବାଦ୍ ମଧୁ ଆପ୍, ୟୁଟ୍ୟୁବ୍, ରେଡିଓ ଦ୍ୱାରା ମଧ ପାଠ ପଢ଼ାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।ଏହା ବ୍ୟତୀତ ରାଜ୍ୟରେ ଖାଲି ଥିବା ହିନ୍ଦୀ ଏବଂ ସଂସ୍କୃତ ଶିକ୍ଷକ ୪୫୫୮ ପଦବୀ ପୂରଣ ହେବ। ଏଥିପାଇଁ ଓଏସଏସଟିଇଟି ପରୀକ୍ଷା ହେବାକୁ ଯାଉଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି। ଯୁକ୍ତଦୁଇ ଫଳାଫଳ ଜୁଲାଇ ୩୧ ମଧ୍ୟରେ ପ୍ରକାଶ କରିବା ପାଇଁ ଆଶାବାଦୀ। ପରିଷଦ ମଧ୍ୟ ସେଥିପାଇଁ କାର୍ଯ୍ୟ କରୁଛି ବୋଲି ଗଣଶିକ୍ଷା ମନ୍ତ୍ରୀ ଏନେଇ ସୂଚନା ଦେଇଛନ୍ତି।

## ରାଜଧାନୀରେ ୨୪ ଘଂଟାରେ ୩୮୭ ପଜିଟିଭ୍

ଭୁବନେଶ୍ୱର,୭।୭(ପି.ଏନ):ରାଜଧାନୀରେ ପୁଣି ବଢିଛି ସଂକ୍ରମଣ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୩୮୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୩୮ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୪୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।

## ଡି.ଏ.ଭି କଳିଙ୍ଗ ନଗରରେ ୨୫ତମ ପ୍ରତିଷ୍ଠା ଦିବସ ପାଳନ ସହ ରୌପ୍ୟ ଜୟନ୍ତୀର ଶୁଭାରମ୍ଭ




ଭୁବନେଶ୍ୱର,୭।୭(ପି.ଏନ): ଡି.ଏଭି କଳିଙ୍ଗ ନଗରରେ ୨୫ତମ ପ୍ରତିଷ୍ଠା ଦିବସ କରୋନା ନିୟମ ପାଳନପୂର୍ବକ ଭର୍ଚୁଆଲ ପ୍ଲାଟଫର୍ମରେ ପାଳିତ ହୋଇଯାଇଛି। ଅନ୍ଲାଇନ ଶିକ୍ଷାଦାନ ପଦ୍ଧତି ଶିକ୍ଷା ଜଗତରେ ଏକ ବିରଳ ଦୃଷ୍ଟାନ୍ତ ବୋଲି ମୁଖ୍ୟଅତିଥି ରୂପେ ଯୋଗ ଦେଇ ଡି.ଏ.ଭି କଲେଜ୍ ମ୍ୟାନେଜିଙ୍ଗ୍ କମିଟିର ଡାଇରେକ୍ଟର (ପି.ଏସ୍ - ୨ ଆଣ୍ଡ୍ ଏକାଡେମିକ୍ସ) ଡକ୍ଟର ନିଶା ପେଶିନ୍ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। କରୋନା ମହାମାରୀ ସମୟରେ ଯାନ୍ତ୍ରିକ କଳାକୌଶଳକୁ ଖୁବ୍ ଶୀଘ୍ର ଆପଣେଇ ଡି.ଏ.ଭି ବିଦ୍ୟାଳୟ ସମୂହର ଶିକ୍ଷକଶିକ୍ଷୟିତ୍ରୀମାନେ ନିରବଚ୍ଛିନ୍ନଭାବେ ଶିକ୍ଷାଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ମଧ କହିଥିଲେ। ଏହି ପରିପ୍ରେକ୍ଷୀରେ ଡି.ଏ.ଭି ଓଡିଶା ଜୋନ୍ - ୧ର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ବିଦ୍ୟାଳୟ ସହିତ ଜଡିତ ନିଜର ଅନୁଭବ ମନେପକାଇବା ସହିତ, ନିରନ୍ତର ସାଧନା ହିଁ ସଫଳତା ବୋଲି ମତବ୍ୟକ୍ତ କରିଥିଲେ। ଡି.ଏ.ଭି ବିଦ୍ୟାଳୟମାନଙ୍କରେ ମୂଲ୍ୟବୋଧଭିଞିକ ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଚରିତ୍ର ନିର୍ମାଣ କରାଯାଉଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା ନିଜ ବକ୍ତବ୍ୟରେ ବିଦ୍ୟାଳୟର ସାମୂହିକ ବିକାଶ ନିମନ୍ତେ ପ୍ରଚେଷ୍ଟା କରିବା ପାଇଁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରୌପ୍ୟ ଜୟନ୍ତୀର ଶୁଭାରମ୍ଭସ୍ୱରୂପ ଲୋଗୋ ଏବଂ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ବୈଦିକ ରୀତିରେ ଯଜ୍ଞ, ସାମୂହିକ ସଂଗୀତ ଏବଂ ନୃତ୍ୟାଦି ପରିବେଶଣ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ୍ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡି.ଏ.ଭି ଜୋନ୍ - ୧ର ଆଞ୍ଚଳିକ ସହ ନିର୍ଦ୍ଦେଶିକା ଡକ୍ଟର ସୁଜାତା ସାହୁ, ଡି.ଏ.ଭି ଚନ୍ଦ୍ରଶେଖରପୁରର ଭାଇସ୍ ଚେୟାରମ୍ୟାନ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର, ଡି.ଏ.ଭି ପୋଖରୀପୁଟର ଚେୟାରମ୍ୟାନ ଶ୍ରୀଯୁକ୍ତ ଅରୁଣ କୁମାର ରଥ, ଡି.ଏ.ଭି ୟୁନିଟ୍ - ୮ର ଚେୟାରମ୍ୟାନ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ, ବିଦ୍ୟାଳୟର ମ୍ୟାନେଜର ଡକ୍ଟର ଭାଗ୍ୟବତୀ ନାୟକ, ପରିଚାଳନା କମିଟିର ସଦସ୍ୟବୃନ୍ଦ, ଡି.ଏ.ଭି ଶିକ୍ଷାନୁଷ୍ଠାନ ଜୋନ୍ - ୧ ଏବଂ ୨ ର ସମସ୍ତ ଅଧକ୍ଷ/ଅଧକ୍ଷା, ସହୋଦୟ ବିଦ୍ୟାଳୟ ସମୂହର ଅଧକ୍ଷ/ଅଧକ୍ଷା, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସର୍ବୋପରି ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁରୂପେ ସମ୍ପାଦିତ ହେବା ସହିତ ଏହାର ୟୁଟ୍ୟୁବ୍ ମାଧ୍ୟମରେ ସିଧାପ୍ରସାରଣ କରାଯାଇଥିଲା।

## ଭାରତରେ କୋଭିଡ ଟିକାକରଣ ୩୬ କୋଟି ଟପିଲା

ନୂଆଦିଲ୍ଲୀ, ୭।୭(ପି.ଏନ):ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲରେ ଭାରତରେ ମୋଟ କୋଭିଡ-୧୯ ଟିକାକରଣ ୩୬ କୋଟିକୁ ଅତିକ୍ରମ କରିଛି। ଆଜି ସକାଳ ୭ଟା ସୁଦ୍ଧ ମିଳିଥିବା ରିପୋର୍ଟ ଅନୁସାରେ ୪୭,୦୭,୭୭୮ ସେସନରେ ମୋଟ ୩୬,୧୩,୨୩,୫୪୮ ଡୋଜ୍ ଟିକା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୬,୦୫,୯୯୮ ଡୋଜ୍ ଟିକା ଦିଆଯାଇଛି। ୨୦୨୧ ଜୁନ୍ ୨୧ ତାରିଖରୁ ଦେଶରେ କୋଭିଡ-୧୯ ଟିକାକରଣର ନୂତନ ସରଳୀକରଣ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଦେଶବ୍ୟାପୀ କୋଭିଡ-୧୯ ଟିକାକରଣକୁ ବ୍ୟାପକ ଓ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ପ୍ରତିବଦ୍ଧ। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୪୩,୭୩୩ ନୂଆ କରୋନା ମାମଲା ଚିହ୍ନଟ ହୋଇଛି।ଗତ ଦଶ ଦିନ ଧରି ଦେଶରେ ଦୈନିକ କରୋନା ସଂକ୍ରମଣ ୫୦ ହଜାରରୁ କମ୍ ରହିଛି। ଏହା କେବଳ କେନ୍ଦ୍ର ସରକାର ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କ ମିଳିତ ପ୍ରଚେଷ୍ଟାର ଫଳ।ଭାରତରେ ସକ୍ରିୟ କରୋନା ମାମଲା ମଧ କ୍ରମାଗତ ଭାବେ ହ୍ରାସ ପାଉଛି। ଦେଶରେ ସକ୍ରିୟ ମାମଲା ଏବେ ଅଛି ୪,୫୯,୯୨୦।ଗତ ୨୪ ଘଂଟା ମଧ୍ୟରେ ସକ୍ରିୟ ମାମଲାରେ ୪୪୩୭ ହ୍ରାସ ହୋଇଛି ଏବଂ ଏହା ଏବେ ଦେଶର ମୋଟ ପଜିଟିଭ୍ ମାମଲାର ମାତ୍ର ୧.୫୦% ରହିଛି।କୋଭିଡ-୧୯ ସଂକ୍ରମଣରୁ ଅଧିକ ଲୋକ ସୁସ୍ଥ ହେଉଥିବାରୁ ଗତ ୫୫ ଦିନ ହେବ ଭାରତରେ ଦୈନିକ ସୁସ୍ଥଙ୍କ ସଂଖ୍ୟା ଦୈନିକ ନୂଆ ସଂକ୍ରମଣକୁ ପଛରେ ପକାଇଛି। ଗତ ୨୪ ଘଂଟା ମଧ୍ୟରେ ଦେଶରେ ୪୭,୨୪୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ନୂଆ କରୋନା ମାମଲା ତୁଳନାରେ ୩୦୦୦ (୩୫୦୭)ରୁ ଅଧିକ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ମହାମାରୀ ଆରମ୍ଭ ହେବା ପରଠାରୁ ଦେଶରେ ଏ ପର୍ଯ୍ୟନ୍ତ ୨,୯୭,୯୯,୫୩୪ ଜଣ ସୁସ୍ଥ ହୋଇଛନ୍ତି ଏବଂ ଗତ ୨୪ ଘଂଟାରେ ୪୭,୨୪୦ ଜଣ ସୁସ୍ଥ ହୋଇଛନ୍ତି। ଏହା ଫଳରେ ଦେଶରେ ସୁସ୍ଥତା ହାର ଏବେ ୯୭.୧୮% ରହିଛି ଏବଂ ଏହା କ୍ରମେ ବୃଦ୍ଧି ପାଉଛି।ଦେଶବ୍ୟାପୀ ଟେଷ୍ଟିଂ ବୃଦ୍ଧି ପାଇଥିବା ବେଳେ ଗତ ୨୪ ଘଂଟାରେ ୧୯,୦୭,୨୧୬ ଟେଷ୍ଟ କରାଯାଇଛି। ଭାରତରେ ମୋଟ ୪୨.୩୩ କୋଟି(୪୨,୩୩,୩୨,୦୯୭)ରୁ ଅଧିକ ଟେଷ୍ଟ କରାଗଲାଣି।ଏକ ପକ୍ଷରେ ଦେଶବ୍ୟାପୀ ଟେଷ୍ଟିଂ ବୃଦ୍ଧି କରାଯାଇଥିବା ବେଳେ ଅନ୍ୟ ପକ୍ଷରେ ସାପ୍ତାହିକ ପଜିଟିଭିଟି ହାର କ୍ରମାଗତ ଭାବେ ହ୍ରାସ ପାଉଥିବା ପରିଲକ୍ଷିତ ହୋଇଛି। ସାପ୍ତାହିକ ପଜିଟିଭିଟି ହାର ଏବେ ୨.୩୯% ରହିଥିବା ବେଳେ ଦୈନିକ ପଜିଟିଭିଟି ହାର ରହିଛି ୨.୨୯%। ଦୈନିକ ପଜିଟିଭିଟି ହାର ଗତ ୧୬ ଦିନ ଧରି ୩% ତଳେ ରହିଛି ଏବଂ ଗତ ଏକ ମାସ ଧରି ୫% ତଳେ ରହିଛି।

MAHARISHI PUBLIC SCHOOL



2021-2022
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** - ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** - ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** - ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ

ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ



‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡେଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ



ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥ୍ରିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ



ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରା ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁଲାଇ ୦୮

# ଆଧ୍ୟାତ୍ମିକତା ଓ ଦର୍ଶନର ପ୍ରବକ୍ତା - 'ସ୍ୱାମୀ ବିବେକାନନ୍ଦ'

୧୮୯୩ ମସିହା ସେପ୍ଟେମ୍ବର ମାସ ୧୧ ତାରିଖରେ ଆମେରିକାର ଚିକାଗୋରେ ଧର୍ମ ସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ନିଜର ଧର୍ମ ଅଭିଭାଷଣ ରଖିବା ଉଦ୍ଦେଶ୍ୟରେ ଯେତେବେଳେ ମଂଚ ଉପରକୁ ଉଠିଥିଲେ ସେତିକିବେଳେ ଉପସ୍ଥିତ ଥିବା ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ସମସ୍ତ ମହାନ୍ ତଥା ପ୍ରସିଦ୍ଧି ଲାଭ କରିଥିବା ସାଧୁ ସନ୍ଥ ସ୍ୱାମିଜୀଙ୍କ ପ୍ରତି ଅଟ୍ଟହାସ୍ୟ କରିବାକୁ ଭୂଲି ଯାଇନଥିଲେ କାରଣ ସ୍ୱାମୀଜୀ ଥିଲେ ସେମାନଙ୍କ ଠାରୁ ବୟସରେ ସାନ। ସେମାନେ ଉପହାସ ଛଳରେ କହିଥିଲେ ଏଇ ଛୋଟ ପିଲାଟା କଣ ଅବା କହିବ ! କିନ୍ତୁ ସ୍ୱାମୀଜୀ ଅଭିଭାଷଣ ଆରମ୍ଭ କରନ୍ତେ, ସନାତନ ଧର୍ମ ସମ୍ବନ୍ଧୀୟ ଅଭିଭାଷଣ ସାଙ୍ଗକୁ ବେଦ ସମ୍ପର୍କୀୟ ତା ସହ ଗୀତା ଉପନିଷଦ ଆଦି ଆଧାରିତ, ସମଗ୍ର ବିଶ୍ ବସ୍ତବ୍ଧ ହୋଇଯାଇଥିଲା। ଅନବରତ ଘଂଟା ଘଂଟା ଧରି ତାଙ୍କ ଅଭିଭାଷଣ ରେ କି ଯାଦୁଥିଲା କେଜାଣି ଉପସ୍ଥିତ ଥିବା ସମସ୍ତ ଦର୍ଶକ, ସାଧୁସନ୍ଥ, ଅଧିକାରୀ ତାଙ୍କର ପାଣ୍ଡିତ୍ୟ ପୂର୍ଣ୍ଣ ଓଜସ୍ୱୀ ଏବଂ ଧାରା ପ୍ରବାହ ବକ୍ତୃତା ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲା। ସେଇ ନିଆରା ଧର୍ମ ଗୁରୁ ସ୍ୱାମୀ ବିବେକାନନ୍ଦ ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ କଲିକତା ସହରର ସିମୁଲିଆ ପଲ୍ଲୀରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ ଏବଂ ମାତାଙ୍କ ନାମ ଭୁବନେଶ୍ୱରୀ ଦତ। ଦତ ଦମ୍ପତି ବିରେଶ୍ୱର ମହାଦେବଙ୍କ ଅପାର କରୁଣାରୁ ପୁତ୍ର ସନ୍ତାନ ରୂପରେ ନରେନ୍ଦ୍ର ଓରଫ ବିବେକାନନ୍ଦଙ୍କୁ ପାଇଥିଲେ। ଶ୍ରଦ୍ଧାରେ ସମସ୍ତେ ତାଙ୍କୁ 'ବିଲେ' ବୋଲି ଡାକୁଥିଲେ। ନିଜର ସାଧନା ଅଧ୍ୟବସାୟ ତଥା ନିଷ୍ଠାପରତା ଯୋଗୁଁ 'ବିଲେ'ରୁ ବିବେକାନନ୍ଦ ହେବାରେ ତାଙ୍କୁ ପରମ ପ୍ରଭୁ ଶ୍ରୀ ରାମକୃଷ୍ଣ ପରମହଂସ ସାହାଯ୍ୟ କରିଥିଲେ। ବାଲ୍ୟବସ୍ଥାରୁ ଦୁଷ୍ଟ ପ୍ରକୃତିର ଥିବା ନରେନ୍ଦ୍ର ନିଜର ଗାଁରେ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ। ବାଲ୍ୟବସ୍ଥାରୁ ହିଁ ସେ ଧିଶକ୍ତିର ଅଧିକାରୀ ଥିଲେ। ବୁଦ୍ଧି ବିବେକ ଓ ଜ୍ଞାନରେ ସେ ଥିଲେ ଆଗରେ ସମସ୍ତଙ୍କ ଠାରୁ । ତାଙ୍କର କାର୍ଯ୍ୟକଳାପ ଏବଂ ରୁଚି ସମ୍ପନ୍ନ ବ୍ୟବହାର ଦେଖି ସମସ୍ତେ କହୁଥିଲେ ତାଙ୍କର ଭବିଷ୍ୟତ ଉଜ୍ଜଳମୟ। ସେମାନଙ୍କ ମତରେ ସେ ନିଶ୍ଚିତ ଭାବେ ଭବିଷ୍ୟତରେ ଉଚ୍ଚ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବେ। ଠାକୁର ଶ୍ରୀ ଶ୍ରୀ ରାମ କୃଷ୍ଣ ଦେବ ପରମହଂସଙ୍କ ସଂସ୍ପର୍ଶରେ ଆସି ଦିବ୍ୟ ଶକ୍ତି ପ୍ରାପ୍ତ ହୋଇଥିଲେ। ନିଜ ଜୀବନର ଉଦ୍ଦେଶ୍ୟ ପୂରଣ କରିବାରେ ଏହା ସାହାଯ୍ୟ କରିଥିଲା।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭଳି ଆଧ୍ୟାତ୍ମିକ ତଥା ମହାପୁରୁଷ ବିବେକାନନ୍ଦଙ୍କ ମଧ୍ୟରେ ଯୁବଶକ୍ତିର ମହତ୍ ଆକାଂକ୍ଷା ଉପଲବ୍ଧ କରି କରିଥିବାରୁ ତାଙ୍କର (ଶଙ୍କରାଚାର୍ଯ୍ୟ) ମହତ୍ ଆକାଂକ୍ଷା ପୂରଣ କରିବା ପାଇଁ ବିବେକାନନ୍ଦଙ୍କର ଜନ୍ମ ଦିବସଟିକୁ 'ଜାତୀୟ ଯୁବ ଦିବସ' ରୂପେ ପାଳନ କରାଯାଇଆସୁଛି। ଯୁବାବସ୍ଥାରେ ହିଁ ପୌରୁଷ ବଳ ପରାକ୍ରମ, ସାହାସ, ସ୍ଫୁର୍ତି ଆଦି ଆସିଥାଏ। ଯେଉଁମାନେ ଏସବୁର ସଦୁପଯୋଗ କରିପାରିଥାନ୍ତି ତା'ର ଜୀବନ ସାର୍ଥକ ହୋଇଥାଏ। ନେପୋଲିୟନ ବୋନା ପାର୍ଟଙ୍କ ଭଳି ଲୋକ ମଧ୍ୟ ଏଇ ଯୁବବସ୍ଥାରେ ନିଜର ପୌରୁଷର ପରୀକ୍ଷାରେ ଉତୀର୍ଣ୍ଣ ହୋଇ ବ୍ରିଗେଡିୟା ଜେନେରାଲ ପଦରେ ଅଧିଷ୍ଠିତ ହୋଇପାରିଥିଲେ। ଯେଉଁ ମଣିଷ ନିଜର ଦୁର୍ବୃର୍ତ ଦୋଷରୁ ସାଂସାରିକ ବିଭୀଷିକା ନିଜକୁ ଅସହାୟ ମନେ କରେ ନିଜର ଆତ୍ମ ଶକ୍ତିକୁ ଚିହ୍ନିପାରିନଥାଏ, ହୀନ ମାନ୍ୟତାର ଶିକାର ହୋଇଥାଏ। ଠାକୁର ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ନିର୍ଦ୍ଦେଶରେ ଯେତେ ଥର ବିବେକାନନ୍ଦ ମା' କାଳୀଙ୍କ ପାଖରେ ଉଭା ହୋଇଛନ୍ତି ସେତେଥର ତାଙ୍କର ଜୀବନ୍ତ ମୂର୍ତୀ ଦର୍ଶନ କରି ଭାବବିହ୍ୱଳ ହୋଇ ପଡିଛନ୍ତି ଏପରିକି ମା'ଙ୍କ ସାଙ୍ଗରେ କଥାବାର୍ତା କରିଛନ୍ତି। ସାଧାରଣମଣିଷ ସାଙ୍ଗରେ କଥାବାର୍ତା ପରି ମା'ଙ୍କୁ ସେ ମାଗିଛନ୍ତି ଧନ, ଜ୍ଞାନ ଏବଂ ଭକ୍ତି। ୧୮୮୬ ମସିହା ଅଗଷ୍ଟ ୧୫ ତାରିଖରେ ଯେତେବେଳେ ରାମକୃଷ୍ଣ ପରମହଂସ ଦେବଙ୍କ ଦେହାନ୍ତ ଘଟିଲା, ସବୁ ଦାୟିତ୍ୱ ବିବେକାନନ୍ଦଙ୍କ ଉପରେ ପଡିଲା। ଯାହା ହେଉ ଗୁରୁଦେବଙ୍କ ଅଧୁରା ସ୍ୱପ୍ନକୁ ତ ପୁରଣ କରିବାକୁ ପଡିବ। ଗୁରୁଦେବଙ୍କର ଇଚ୍ଛା ଥିଲା ଯେ ସମଗ୍ର ବିଶ୍ୱକୁ ଆଧ୍ୟାତ୍ମିକତାର ଦିଗ୍ ଦର୍ଶନ ଦେବାକୁ ହେବ। ସେଇଥିପାଇଁ ତ ଏକଦା ବିବେକାନନ୍ଦ କନ୍ୟାକୁମାରୀ ନିକଟବର୍ତୀ ଦ୍ୱୀପରେ ଧ୍ୟାନ ମଗ୍ନ ଥିବା ଅବସ୍ଥାରେ ଜ୍ଞାନ ଲାଭ କରିଥିଲେ। ତାପରଠାରୁ ତାଙ୍କ ଠାରେ ଅଭୁତପୂର୍ବ ପରିବର୍ତନ ଦେଖିବାକୁ ମିଳିଥିଲା। ସନାତନ ଧର୍ମର ମହାନୀୟତାକୁ ପ୍ରଚାର ଓ ପ୍ରସାର କରିବା ପାଇଁ ଆଗଭର ହେଲେ। ଭାରତ ବର୍ଷର ସର୍ବକନିଷ୍ଠ ସନ୍ୟାସୀ ଭାବେ ବିଶ୍ୱଧର୍ମ ସମ୍ମିଳନୀ ଚିକାଗୋରେ ଯୋଗଦାନ ଯେଉଁଠି ସମଗ୍ର ବିଶ୍ୱର ଜ୍ଞାନୀ, ଗୁଣି, ପଣ୍ଡିତ ବିଦ୍ୱାନ ବ୍ୟକ୍ତିମାନ ନିଜ ନିଜ ଧର୍ମର ଶ୍ରେଷ୍ଠତ୍ୱ ପ୍ରତି ପାଳନ କରିବା ପାଇଁ । ସେ ସାଧାରଣ ବାଳକ ନୁହଁନ୍ତି, ସେ ବାସ୍ତବରେ ଅସାଧାରଣ। ସେଥିଲେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର। ୧୮୮୦ ମସିହାରେ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ସହ ଉତୀର୍ଣ୍ଣ ହୋଇ ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କଲେ। ୧୮୮୬ରେ ଏଫ ଏ ଏବଂ ୧୮୮୪ ମସିହାରେ ବି.ଏ. ପାସ କଲେ। ସମାଜରେ ଥିବା କୁସଂସ୍କାର, ଅଶିକ୍ଷା, ଅନ୍ଧକାର ଆଦି ବିରୁଦ୍ଧରେ ସ୍ୱର ଉତୋଳନ କରୁଥିଲେ। କୌଣସି ମତାମତ ଦେବା ପୂର୍ବରୁ ସେ ପ୍ରତ୍ୟେକ କଥାକୁ ବୁଝୁଥିଲେ। ଅନ୍ଧ ଭାବରେ କୌଣସି କଥାକୁ ଗ୍ରହଣ କରୁନଥିଲେ। ଭାରତର ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଇ ଏ ମାଟିର ମର୍ଯ୍ୟାଦା ବୃଦ୍ଧି କରାଇଛନ୍ତି। ଶାନ୍ତି ମୈତ୍ରୀ ଓ ପ୍ରିତୀ ରୁଜ୍ଜୁରେ ଛନ୍ଦି ସମଗ୍ର ମାନବ ଜାତିକୁ ଆପଣାର କରିଛନ୍ତି। ପରମ ପୂଜ୍ୟ ଗୁରୁଠାକୁର ଶ୍ରୀ ରାମକୃଷ୍ଣ ପରମ ହଂସ ଦେବଙ୍କର ପ୍ରିୟ ଶିଷ୍ୟ ସ୍ୱାମୀ ବିବେକାନନ୍ଦ। ନିଃସ୍ୱାର୍ଥପର ଭାବେ ଜନତାର ସେବା କରି ସମାଜରେ ଆଦର୍ଶର ବାତାବରଣ ସୃଷ୍ଟି କରିଛନ୍ତି। ଜାତିର ସ୍ୱାର୍ଥ ପାଇଁ ନିଜର ଜୀବନକୁ ତିଳତିଳ କରି ଦଗ୍ଧ କରିଛନ୍ତି। ସେଥିଲେ ଜଣେ ସୁବକ୍ତା। କଲେଜରେ ପଢୁଥିଲାବେଳେ ଇଂରେଜିରେ ବକ୍ତୃତା ଦେଇ ସମସ୍ତଙ୍କୁ ଚକିତ କରାଇ ଦେଇଥିଲେ। ବୁଦ୍ଧଦେବଙ୍କ ପରି ସେ ବି ସତ୍ୟର ଅନୁସନ୍ଧାନରେ ବ୍ରତୀ ଥିଲେ। ଯୁବ ପିଢିର ଥିଲେ ସେ ଆଦେଶ। ଛାତ୍ରାବସ୍ଥାରୁ ହିଁ ତାଙ୍କ ମନରେ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ଏବଂ ତାଙ୍କ ସୃଷ୍ଟି ସମ୍ବନ୍ଧରେ ଅଭୁତ ଝଡ ସୃଷ୍ଟି ହୋଇଥିଲା। ଏପରିକି ସେ ସମସ୍ତଙ୍କ ପାଗଳଙ୍କ ଭଳି ପଚାରି ବୁଝିବାକୁ ଚାହୁଁଥିଲେ ଯେ ଭଗବାନ କିଏ ? କେଉଁଠି ସେ ରହନ୍ତି ? ଇତ୍ୟାଦି ଆପଣମାନଙ୍କ ମଧ୍ୟରୁ କିଏ ଭଗବାନଙ୍କୁ ଦେଖିଛନ୍ତି କି ? କିନ୍ତୁ ଆଶ୍ଚର୍ଯ୍ୟର କଥା ଯେତେବେଳେ ତାଙ୍କର ଉତର ପାଇ ଯାଇଥିଲେ। ଏହାକୁ ହିଁ କହନ୍ତି କାଚ ଓ କାଂଚନର ମିଳନ। ବିବେକାନନ୍ଦଙ୍କୁ ପାଇ ଠାକୁର ରାମକୃଷ୍ଣ ପରମହଂସ ନିଜକୁ କୋଟି ନିଧି ପାଇଲା ଭଳି ମନେ କଲେ। ସ୍ୱାମୀଜୀ ମଧ୍ୟ ନିଜ ଭିତରେ ଆନ୍ଦୋଳିତ ହେଉଥିବା ପ୍ରଶ୍ନଗୁଡିକର ଉତର ପାଇଯାଇଥିଲେ। ରାମକୃଷ୍ଣ ପରମହଂସ ଦେବଙ୍କ ସାକ୍ଷାତ ହେଲାପରେ। ଠାକୁର ଶ୍ରୀ ଶ୍ରୀ ରାମ କୃଷ୍ଣଙ୍କର ପରୀକ୍ଷାରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିଲେ ସ୍ୱାମୀଜୀ। ଇତି ମଧ୍ୟରେ ତାଙ୍କର ପିତାଙ୍କର ଉପସ୍ଥିତ ଥିଲେ। ଏହାର ଭାରତ ମାଟିର ତରୁଣ ସନ୍ୟାସୀଙ୍କୁ ଦେଖି ଅନ୍ୟ ସମସ୍ତେ ଥଟ୍ଟା ପରିହାସ କରିଥିଲେ । କିନ୍ତୁ ସମସ୍ତଙ୍କର ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରି ସ୍ୱାମୀ ବିବେକାନନ୍ଦ ସେଇ ଦିନ ସମବେତ ଜନତା ତଥା ସମଗ୍ର ବିଶ୍ୱବାସୀଙ୍କୁ ନିଜର ଆଧ୍ୟାତ୍ମିକ ବାଗ୍ମିତା ଦ୍ୱାରା ମନ୍ତ୍ରମୁଗ୍ଧ କରିଦେଲେ। ତାଙ୍କର ଅପୂର୍ବ ସମ୍ଭାଷଣ ଜ୍ଞାନୀ ଗୁଣୀ ପଣ୍ଡିତ ମାନଙ୍କର ଅହଙ୍କାର ଗର୍ବକୁ ଚୁନା କରିଦେଇଥିଲା। ତା ପରେ ଆସିଥିଲା ଅଭିନନ୍ଦନର ସୁଅ। ବିଭିନ୍ନ ରାଷ୍ଟ୍ରରୁ ଆସିଥିଲା ନିମନ୍ତ୍ରଣ। ତାଙ୍କର ଅଭିଳାଷ ଥିଲା ବିଶ୍ୱ ପ୍ରେମ ଓ ବିଶ୍ ଭାତୃତ୍ୱ ପ୍ରତିଷ୍ଠା କରିବା। ସମାଜକୁ ଜାଗ୍ରତ କରିବା, ସଚେତନ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ନାରୀ ଶିକ୍ଷା ଉପରେ ବି ସେ ଗୁରୁତ୍ୱ ଦେଇଆସୁଥିଲେ। ନିଜ ଉପରେ ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ(ଆତ୍ମ ବିଶ୍ୱାସ) ହିଁ ସତମାର୍ଗ ଦେଖାଇଥାଏ। ଯେଉଁଠି ସତ୍ୟ ନାହିଁ ସେଇଠି ସାଧୁତାର ମାନେ କିଛି ନାହିଁ। ଏହି ମହାନ୍ ଆଧ୍ୟାତ୍ମିକ ଗୁରୁଙ୍କର ୧୯୦୨ ମସିହା ଜୁଲାଇ ୪ ତାରିଖରେ ମହାପ୍ରୟାଣ ଘଟିଥିଲା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଆମ ପ୍ରତି ଥିବା ଭାବନା ଦୂର ହେଉ

ଚିକିତ୍ସାରେ ଅବହେଳା ଯୋଗୁ କରୋନା ରୋଗୀଙ୍କ ମୃତ୍ୟୁ ହେଉଛି । ଡାକ୍ତର ଓ ନର୍ସର ଅବହେଳାର ଶିକାର ରୋଗୀ ହେଉଛି- ଏପରି ନାନା ଖବର ଶୁଣି ନନ୍ଦିନୀ ଭାରି ବ୍ୟସ୍ତ ହୋଇପଡୁଛି । କାରଣ ସେ ନିଜେ କୋଭିଡ୍ ହସ୍ପିଟାଲରେ ନର୍ସ ରୂପେ କାର୍ଯ୍ୟ କରୁଛି । ନିଜ କୁନି ଝିଅକୁ ସ୍ୱାମୀ ଓ ଶାଶୁଙ୍କ ପାଖରେ ଛାଡ଼ି; ସେ କୋଭିଡ୍ ରୋଗୀଙ୍କ ସେବାକୁ ଅଗ୍ରାଧିକାର ଦେଇଛି । ବିପଦକୁ ବିପଦ ନ ଭାବି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ମିଶି; ନିଜ ଜୀବନକୁ ବାଜି ଲଗାଇ ରୋଗୀ ସେବା କରୁଛି । ତଥାପି ଆଖି ତଳେ ଅନେକ ଅସ୍ୱସ୍ତି ସେ ଅନୁଭବ ଅନୁଭବ କରୁଛି । କାରଣ କରୋନା ରୋଗୀଙ୍କ ଭାସିଯାଉଥିବା ଆତ୍ମବିଶ୍ୱାସକୁ କୂଳରେ ଲଗାଇବାକୁ ଅନେକ ଚେଷ୍ଟା ପରେ ବି ବିଫଳ ହେବାକୁ ପଡୁଛି । ଏ କରୋନାର ପ୍ରକୋପ ଏତେ ଯେ, ବହୁ ଚେଷ୍ଟା ସତ୍ତ୍ୱେ କିଛି ରୋଗୀଙ୍କ ଦୁଇଟି ନିଃଶ୍ୱାସ ଫାଙ୍କରେ ଚାଲୁଥିବା ଜୀବନର ବିଷମ ତାଳ ବିସ୍ମୟକର ଭାବେ ଅଟକି ଯାଉଛି ।

ଅକାଳରେ ଝରିପଡୁଥିବା ଲୋକଙ୍କୁ ଦେଖି ସେମାନଙ୍କର ବି ଛାତି ଥରି ଉଠୁଛି - ମନ ଭାଙ୍ଗି ଯାଉଛି- ଆତ୍ମା ବିଳାପ କରି ଉଠିଛି । ଜୀବନ ମାନେ କ'ଣ ଏମିତି ? ସବୁ ଏଠି ଏକାକୀ ଏକାକୀ । ଆହା କହିବାକୁ ବି ରୋଗୀର ଆତ୍ମୀୟ ଏଠି ନାହାନ୍ତି । ବଡ଼ ବିଚିତ୍ର ଏ ମହାମାରୀ । କାହାକୁ ଛୁଁଅ ନାହିଁ କି କାହା ଦୁଃଖରେ ଠିଆ ହୁଅ ନାହିଁ । କରୋନା ଆକ୍ରାନ୍ତଙ୍କ ପାଖରେ ଆତ୍ମୀୟ କେହି ନାହିଁ । ନା' ଅଛି ସାନ୍ତ୍ୱନା । ଅଛି କେବଳ ଏକ ନିରବ ନିର୍ବାସନ ଜୀବନ । ବଡ଼ ଗମ୍ଭୀର ଏ ପରିସ୍ଥିତି । ତଥାପି ପ୍ରତି ରୋଗୀଙ୍କ ନିକଟରେ ମୋ ଭଳି ଅନେକ ନର୍ସ ଥାଆନ୍ତି । ରୋଗୀମାନେ ସୁସ୍ଥ ହେବାର ଆଶା ବିଶ୍ୱାସକୁ ଡାକ୍ତର ଓ ଆମମାନଙ୍କ ଭରସାରେ ଛାଡ଼ି ଦେଇଥାନ୍ତି । ଆମେ ବି ସେବା, ମିଠାକଥା, ଉତ୍ତମ ଆଚରଣ ଓ ସାନ୍ତ୍ୱନାରେ ସେମାନଙ୍କ ଯନ୍ତ୍ରଣା ଲାଘବ ନିମନ୍ତେ ଆପ୍ରାଣ ଚେଷ୍ଟା କରିଥାଉ । ଆବଶ୍ୟକ ସେବା ଓ ଯତ୍ନ ପ୍ରଦାନ କରିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଲିପିବଦ୍ଧ



ଡକ୍ଟର ମନୋରଞ୍ଜନ ବିଷୋୟୀ

କରିଥାଉ ଏବଂ ଡାକ୍ତରଙ୍କ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ସେବା ଯୋଗାଇ ଦେଉ । ସେବାରେ ଯେମିତି ସାମାନ୍ୟତମ ତ୍ରୁଟି ନ ହୁଏ; ସେଥିପ୍ରତି ସର୍ବଦା ଧ୍ୟାନ ରଖିଥାଉ । ତଥାପି ଯଦି କିଛି ଅଘଟଣ ଘଟେ ଆମେ ବି ଅଶ୍ରୁସିକ୍ତ ହେଉ । ବୋହି ଯାଉଥିବା ଆଖି ଲୁହକୁ ରୁମାଲ୍‌ରେ ଚାପିରଖି ପୁଣି ଏକ ରୋଗୀର ସେବାରେ ଲାଗିଯାଉ । ଠିକ୍ ସମୟରେ ଠିକ୍ ଔଷଧ ଦେଇ, ଇଂଜେକ୍‌ସନ୍ ଦେଇ, ପାରାମିଟର, ଅକ୍ସିଜେନ୍‌ର ସ୍ତର ଓ ରକ୍ତ ଚାପକୁ ବାରମ୍ବାର ତନଖି କରିଥାଉ । ଏପରିକି କ୍ଲାନ୍ତ ଅନୁଭବ କରୁଥିଲେ ମଧ୍ୟ ରୋଗୀ ସେବାକୁ ଅଗ୍ରାଧିକାର ଦେଉ । ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ପିପିଇ କିଟ୍ ପିନ୍ଧି ସେବା ଯୋଗାଇ ଦେଇଥାଉ । ପିପିଇ କିଟ୍ ପିନ୍ଧିଥିବା ବେଳେ ନା' ଖାଇପାରୁଛୁ ନା'ପିଇ ପାରୁଛୁ ତଥାପି ଦଶରୁ ବାରଘଣ୍ଟା ସେମିତି କୋଭିଡ୍ ରୋଗୀଙ୍କ ସେବାରେ ଲାଗିପଡ଼ିଥାଉ । ତଥାପି ଆମେମାନେ ବି ତ ଜଣେ ଜଣେ ମଣିଷ । ପ୍ରତିଦିନ କରୋନାରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କୁ ଦେଖି ଦେଖି ମାନସିକ ଅବସାଦ ଭୋଗ କରିଥାଉ । ଘରକୁ ଫେରିଲା ପରେ ବି ନା ଶୋଇପାରୁ ନା' ଖାଇ ପାରୁ । ଏସବୁ ସତ୍ତ୍ୱେ ଅନେକ ସମୟରେ ଚିକିତ୍ସାଳୟ ଆସିବା ପରେ ବହୁ ଅସ୍ୱାଭାବିକ ପରିସ୍ଥିତିର ବି ସାମ୍ନା କରିଥାଉ । ବେଳେବେଳେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନଙ୍କ ଅପମାନଜନକ ଭାଷା ଓ ବ୍ୟବହାର ଯୋଗୁ ଭାରାକ୍ରାନ୍ତ ମନେ କରିଥାଉ । ଏସବୁ ସତ୍ତ୍ୱେ ସେବାରେ କେବେ ହେଲା କରିନଥାଉ । ଏପରିକି ବେଳେବେଳେ ରୋଗୀ ସେବା କରୁ କରୁ ନିଜେ ସଂକ୍ରମିତ ହେବା ସହ ପରିବାର ସଦସ୍ୟଙ୍କୁ ମଧ୍ୟ ସଂକ୍ରମିତ କରିଥାଉ । ଏପରିକି ଆମ ଭିତରୁ ଅନେକ ପ୍ରାଣ ହରାଇବା ସହ ପରିବାର ସଦସ୍ୟଙ୍କୁ ମଧ୍ୟ ହରାଇ ସାରିଲେଣି । ମୁଁ ମଧ୍ୟ ସଂକ୍ରମିତ ହୋଇ ଚିକିତ୍ସିତ । ମୃତ୍ୟୁ କଥା କେବେ ଚିନ୍ତା କରିନାହିଁ । କାରଣ ମୃତ୍ୟୁଠାରୁ ଜୀବନ ଅଧିକ ଶକ୍ତିଶାଳୀ । ଯଦି ସୁସ୍ଥ ହୋଇ ଫେରେ- ତା' ହେଲେ ପୁଣି ରୋଗୀସେବା କରିବା ସହ ପୁରା କରିପାରିବି ମୋତେ ଭେଟିବାକୁ ଚାହିଁ ବସିଥିବା ମୋର କୁନି ଝିଅ, ସ୍ୱାମୀ ଓ ପରିବାରର ସବୁ ସଦସ୍ୟଙ୍କ ଅସଂଖ୍ୟ ଉଦ୍‌ବେଗକୁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ସଂପର୍କ: ୮୮୯୫୧୪୧୭୨୭

# ଜୟ ପଣ୍ଡାଙ୍କୁ ଝୁରୁଛି କେନ୍ଦ୍ରାପଡ଼ା !

ସାଂପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶ ମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରି ପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତା ମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇ ଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ (ଜୟ)ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତ ବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତ ବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟୀତ୍ୱ ସଫଳତାର ସହ ତୁଲାଇ ଥିଲେ। ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେସନରେ ପ୍ରଶ୍ନ-ଉତର, ବଜେଟ୍ ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୃଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତ ବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ"ସିଟିଜେନ୍‌ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୃଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଉର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୃଷ୍ଟିହୀନତା ସର୍ଭେ ଥିଲା। ୨୦୧୩ ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ,୨୦୧୪ରେ ଜଣେ ବ୍ୟକ୍ତି ଏକ ସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ। ତେବେ ୨୦୧୮ଜାନୁୟାରୀ ୨୪ ତାରିଖରେ ବୈଜୟନ୍ତ ବାବୁଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରା ଯାଇଥିଲା। ତା.୨୮.୦୫. ୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତ ବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ୪ ଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ



ଶରତ କୁମାର ରାଉତ

କରାଯାଇଥିଲା। ବୈଜୟନ୍ତ ବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥାନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କ ଠାରେ ତାହା ଦେଖା ଯାଇନଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତ ବାବୁ। ତେବେ ସେ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବୈଜୟନ୍ତ ବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଯୋଜନା ହାତକୁ ନେଇଥିଲେ ହେଁ ମତଦାତା ମାନେ ତାଙ୍କୁ ପ୍ରତ୍ୟାଖାନ କଲେ କାହିଁକି ? ଏ ବାବଦରେ କୁହାଯାଏ ଯେ, ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତୃଟି ଯୋଗୁ ଯୁବ ଗୋଷ୍ଠୀର ଭୋଟ ଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ଅନ୍ୟପକ୍ଷରେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କୁ ଆଡ଼େଇ ଦେଲେ ବୋଲି କୁହା ଯାଉଛି। ସେହିପରି ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗ ଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେ ହୋଇଥିଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ନେଇ ପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କଲା।

କିନ୍ତୁ ଏବେ ଧୀରେ ଧୀରେ ଅବସ୍ଥା ବଦଳି ଯାଇଛି। ମୁଖ୍ୟତଃ ଆସାମ ରାଜ୍ୟର ବିଜେପି ପ୍ରଭାରୀ ଦାୟୀତ୍ୱ ନେଇ ଦଳକୁ ବିପୁଳ ସଫଳତା ଦେବା ପରେ ବୈଜୟନ୍ତ ବାବୁ ଦଳରେ ନିଜର ସ୍ଥିତି ଏକଦମ ମଜଭୁତ କରି ପାରିଛନ୍ତି। ଆସାମ ନିର୍ବାଚନରେ ମୋଟ ୧୨୬ ଆସନ ମଧ୍ୟରୁ ବିଜେପି ୯୩ ଟି ଆସନ ଲାଭ କରିଥିଲା। ଏହା ନିଶ୍ଚୟ ବୈଜୟନ୍ତ ବାବୁଙ୍କ ପରିଶ୍ରମର ଫଳ। ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକ ମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖା ଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି କେନ୍ଦ୍ରାପଡ଼ା ବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୩୩୭୩୬୯୪୪୮

# ଭକ୍ତି ଦେବତା ଶ୍ରୀଜଗନ୍ନାଥ

ଜନ୍ମେଜୟ ଲେଙ୍କା

'ତୁମେ ଯଦି ପ୍ରାର୍ଥନା କରିବାକୁ ଚାହୁଁଛ, ଘରୁ ମଧ କରିପାରିବ' - ଭାରତର ସର୍ବୋଚ୍ଚ ଅଦାଲତର ମହାମହିମ ପ୍ରଧାନ ବିଚାରପତି ଓଡ଼ିଶାରେ ପୁରୀ ବ୍ୟତୀତ ଅନ୍ୟ ସ୍ଥାନରେ ରଥଯାତ୍ରା ନେଇ ଥିବା ଏକ ଆବେଦନରେ ଏହା ଉଲ୍ଲେଖ କରିଛନ୍ତି। କୋଟି କୋଟି ଓଡ଼ିଆଙ୍କ ଭକ୍ତି ଭାବନା, ଚିନ୍ତନ ଓ ଆଚରଣ ସବୁଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଚେତନାର ଏକ ସ୍ୱତନ୍ତ୍ରତା ରହିଛି। ଓଡ଼ିଶାରେ କୋଭିଡ଼ର ସଂକ୍ରମଣ କିଛିମାତ୍ରାରେ ଥିବାବେଳେ ଏ କ୍ଷେତ୍ରରେ ଲୋକପ୍ରିୟ ନବୀନ ପଟ୍ଟନାୟକଙ୍କ ସରକାର ପ୍ରତିଟି ଜୀବନ ଯେ ମୂଲ୍ୟବାନ ତାହାର ବଡ଼ ଗୁରୁତ୍ୱ ରଖିଛନ୍ତି। ତେଣୁ ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ ବୋଲି ମାନ୍ୟବର ଅଦାଲତ ଏହା ସୂଚାଇଛନ୍ତି। ଯେତେ ମତ ସେତେ ପଥ। ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ। ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି। ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜ ଆତ୍ମ ଅନୁଚିନ୍ତନରେ ମାର୍ଗଦର୍ଶନ। ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ। ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ। ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ତ୍ୱ। ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ। ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି। କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ୍ୟ କିଛି ଦେଖିପାରୁନାହିଁ। ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ। ସେ ଆତ୍ମା ରୂପରେ ରହିଛନ୍ତି। ବହିର୍ଜଗତରେ ଯେପରି ତାଙ୍କର ଇଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ। ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ।

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।

ବାଇଶ ମୌଜା
ଅରଖପୁର, ବଡ଼ଚଣା, ଯାଜପୁର
ଇ-ମେଲ : janmejaya
124lenka@ gmail.com






# ତୈଳଦର ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଅଭିନବ ଉପାୟରେ ପ୍ରତିବାଦ କଲା

ଭୁବନେଶ୍ୱର : କରୋନା ମହାମାରୀକୁ ପରିଚାଳନା କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି । କରୋନା କଟକଣାକୁ ନେଇ ସାଧାରଣ ଜନତା ବର୍ତ୍ତମାନ ଜୀବିକା ହରାଇ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଥିବା ବେଳେ ତୈଳ ଦର, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସାଙ୍ଗକୁ କୃଷକ ମାରଣନୀତି, ଶ୍ରମିକ ମାରଣନୀତି ଓ ଜନମାରଣ ନୀତି ସାଧାରଣ ଲୋକଙ୍କ ପାଇଁ ବୋଝ ଉପରେ ଲଳିତାବିଡ଼ା ସଦୃଶ ହୋଇଛି । ଏହା କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଦେଖାଦେଇଛି । ଏ.ଆଇ.ସି.ସି. ଅଧକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ କରୋନା ମହାମାରୀର ସଚେତନ ନେଇ ବହୁବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାଁନ୍ତି । ସାଧାରଣ ଜନତାଙ୍କ ସୁଖ ଦୁଃଖରେ କଂଗ୍ରେସ ରହିଆସିଛି । ଏଣୁ ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ପି.ସି.ସି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ଆଜି ୭ ତାରିଖରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ କରିବାର ନିଷ୍ପତ୍ତି ନିଆଯାଇଥିଲା । ଏଥିନେଇ ଆଜି ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବ୍ଲକ ଆଉ ସଦର ମହକୁମାରେ କଂଗ୍ରେସ କର୍ମୀ ଓ ନେତୃବୃନ୍ଦମାନେ ଅଭିନବ ଉପାୟରେ ପ୍ରତିବାଦ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ, ପ୍ରଦେଶ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସେବାଦଳର ମିଳିତ ସହଯୋଗରେ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଉପାୟରେ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ଝା, ଘଣ୍ଟ, ଖଳି, ଥାଳି, ତାଟିଆ, କଂସା ଆଦି ବଜାଇ ତୈଳଦର ବୃଦ୍ଧିର ପ୍ରତିବାଦ




ଜଣାଇଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ନେଇ ବିଶୋଦଗାର କରିଥିଲେ । ସେମାନେ କହିଥିଲେ ଏହି କରୋନା ମହାମାରୀ ବିପଦ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ୍ ଓ ଡିଜେଲ୍‌ରେ ଟ୍ୟାକ୍ସ ଓ ଭାଟ୍ ବଢାଇ ତୈଳ ଦର ବୃଦ୍ଧି କରି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି । ଏମାନେ ଜନତା ବିରୋଧି । ସେହିପରି ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି କରି ସିଧା ହାଣ୍ଡିଶାଳରେ ଚୋଟ ମାରିଛନ୍ତି । ଚୁଲିମୁଣ୍ଡରେ ଗୃହିଣୀଟି ଲୁହ ଗଡାଇବାରେ ଲାଗିଛି । ୨୦୧୪ ମସିହା ପୂର୍ବରୁ କଂଗ୍ରେସ ସରକାର ଥିବାବେଳେ ତୈଳଦର କିଛି ପଇସା ବଢୁଥିଲା ସେତେବେଳେ ବିଜେଡ଼ି, ବିଜେପି ରାଜରାସ୍ତାକୁ ଆସି ପ୍ରତିବାଦ କରୁଥିଲେ । ସେତେବେଳେ ପେଟ୍ରୋଲ୍ ଦର ୭୦ ଟଙ୍କା ଏବଂ ଡିଜେଲ୍ ଦର ୫୩ଟଙ୍କା ଥିଲା । ସେତେବେଳେ ଆନ୍ତର୍ଜାତିକ ବଜାରରେ ବ୍ୟାରେଲ୍ ପିଛା ୧୧୦ ରୁ ୧୪୦ ଡଲାର ଥିଲାବେଳେ ବର୍ତ୍ତମାନ ୫୦ ରୁ ୬୫ ଡଲାର ମଧ୍ୟରେ ରହିଛି । କିନ୍ତୁ ଏବେ ଦେଶ ଓ ରାଜ୍ୟରେ ଉଭୟ ପେଟ୍ରୋଲ୍ ଓ ଡିଜେଲ୍ ଲିଟର ପିଛା ୧୦୦ ଟଙ୍କା ପାର୍ କରିଗଲାଣି । ଏବେ ବିଜେଡ଼ି ଓ ବିଜେପି କାହିଁକି ଚୁପ୍ ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଏଣୁ ସରକାର ତୁରନ୍ତି ପଦକ୍ଷେପ ନେଇ ବର୍ଦ୍ଧିତ ତୈଳଦର ସାଙ୍ଗକୁ ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର କମାନ୍ତୁ ଓ ସାଧାରଣ ଜନତାଙ୍କୁ ବଞ୍ଚିବାକୁ ଦିଅନ୍ତୁ, ଜନତା ଉଚିତ୍ ଜବାବ ଦେବେ ବୋଲି ଉପସ୍ଥିତ ଥିବା ନେତୃବୃନ୍ଦ ପ୍ରକାଶ କରିଥିଲେ । ଏହି ପ୍ରତିବାଦ ଜଣାଇବା ସମୟରେ ସେହି ରାସ୍ତା ଦେଇ ଯାଉଥିବା ସାଧାରଣ ଜନତା ସଭାରେ ଯୋଗଦେଇ ତୈଳଦର ବୃଦ୍ଧିର ପ୍ରତିବାଦର ଦୃଢ ସମର୍ଥନ କରିଥିଲେ । ଏହି ପ୍ରତିବାଦ ସଭାରେ ସର୍ବଶ୍ରୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପି.ସି.ସି. ସଭାପତି ଶରତ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କମିଟି ସଭାପତି ବିଶ୍ୱଜିତ୍ ଦାସ, ଛାତ୍ର କଂଗ୍ରେସ ସଭାପତି ୟସିର୍ ନବାଜ୍, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମନୋରଜ ଦାସ, ରଶ୍ମି ମହାପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ଦୀପକ ମହାପାତ୍ର, ସୁବ୍ରତ ମହାପାତ୍ରଙ୍କ ସମେତ ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଆଶିଷ ମଲ୍ଲିକ, ମନୋଜ ନାୟକ, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ଗୀତାଳି ମହାନ୍ତି, ସେକ୍ ଅବତାବ୍ ଅଲ୍ଲୀ, ରଣଜିତ୍ ପାତ୍ର, ଅନୱର ଖାନ୍, ମନୋରଜ ବଟୁ, ଶ୍ରୀଧର ବଳିଆରସିଂହ, ଦେବରାଜ ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଇନ୍ଦ୍ରଜିତ୍ ପରିଡ଼ା, ସୌମେନ୍ଦ୍ର ମହାନ୍ତି, ପ୍ରଭାସ ମହାପାତ୍ର, ଶ୍ରୀୟାସ୍ମିତା ପଣ୍ଡା, କୁସୁମ ପ୍ରଧାନ, ସିପ୍ରା ସେନାପତି, ମୁନି ଠାପା, ହିମାଂଶୁ ଲେଙ୍କା, ମନୋଜ ମହାପାତ୍ର, ଲିଙ୍ଗରାଜ ସାହୁ, ନରୋତ୍ତମ ବେହେରା, ସେକ୍ ତାକ୍ କୁଇନ୍, ଜୟକୃଷ୍ଣ ମଲିଆ, କପିଳ ପଣ୍ଡା, ମଣ୍ଟୁ ମଲ୍ଲିକ, ଆଦିତ୍ୟ ସାହୁ, ସିବ ପୂଜାପଣ୍ଡା, ଦେବେନ୍ଦ୍ର ଦାସ, ମାନସ ମହାନ୍ତି, ଦେବୀପ୍ରସାଦ ବାହାଲିଆ, ସଂଜୀବ ମହାନ୍ତି, ଦୁର୍ଗା ମାହାଲ, ଏମ୍.ଡି. ସାହାତୁଲ୍ଲା, ନିଆଜୁଲ୍ ଇସ୍‌ଲାମ୍, ନିହାର ମହାପାତ୍ର, ଦେଓ ପ୍ରସାଦ, ନାସିର ଖାନ୍, କୈଳାସ ସାହୁ, ପ୍ରୀତମ ପରିଜା, ବାବୁ ଜେନା, ଦିପ୍ତୀରନ ପରିଡ଼ା, ସାଗର ପଟ୍ଟନାୟକ, ରିତ ସେନାପତି, ବିଶ୍ୱଭୂଷଣ ମହାପାତ୍ର, ଅଜିତ୍ ବାରିକ, ଅଖିଳେଶ ଯାଦବ, ମହମ୍ମଦ ସମିଉଲ୍, ଅହେମ୍ମଦ ଖାନ୍, କାର୍ତ୍ତିକ କଣ୍ଡି, ଆଦିତ୍ୟ କଅଁର, ସାରୁଖ୍ ଖାନ୍, ପ୍ରତ୍ୟୁଷ ପ୍ରଧାନ, ସୂର୍ଯ୍ୟକାନ୍ତି ସାହୁ, ଆର୍ଜନ ସାସ୍‌ମଲ୍, ମହମ୍ମଦ ଗୁଲାମ ପ୍ରମୁଖ ଯୋଗ ଦେଇଥିଲେ ।

## ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ

ଖୋର୍ଦ୍ଧା : ଜନ ସଂଘର ପ୍ରତିଷ୍ଠାତା ସଭାପତି ତଥା ବିଜେପିର ପ୍ରେରଣାର ଉତ୍ସ ଡ଼ଃ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୦ତମ ଜୟନ୍ତୀ ସ୍ଥାନୀୟ ମଳିପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ପାର୍ଟି ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ସାମାଜିକ ଦୂରତା ପୂର୍ବକ ସ୍ୱଳ୍ପ କାର୍ଯ୍ୟକର୍ତାଙ୍କୁ ନେଇ ଡ଼ଃ. ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ତାଙ୍କର ଗୁଣାବଳୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ଶ୍ରୀରଂଜନ ମଙ୍ଗରାଜଙ୍କ ଉପସ୍ଥିତିରେ ସର୍ବ ପ୍ରଥମେ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଯୁବ ନେତା କିଶୋର ବରାଳ, ବଡ଼ପୋଖରୀଆ ମଣ୍ଡଳ ସଭାପତି ବିପିନ କୁମାର ପାଲଟାସିଂହ, ଯୁବ ନେତା ବିଶ୍ୱ ଭୂଷଣ ପଟ୍ଟନାୟକ, ପ୍ରଫୁଲ୍ଲ ଖଣ୍ଡେଇତରାୟ, ରଂଜନ କୁମାର ମାର୍ଥା, ରମେଶ ମହାପାତ୍ର ପ୍ରମୁଖ ଦଳିୟ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

## ଓରିଫ୍ଲେମ୍ ପକ୍ଷରୁ ଦ ୱାନ୍ ଟ୍ରିମେଣ୍ଡସ୍ ଫିୟର୍ସ ମସ୍କାରା ଏବଂ ଦ ୱାନ୍ କଂଟୌରିଂ କିଟ୍‌ର ବଜାର ପ୍ରବେଶ

ଭୁବନେଶ୍ୱର : ଅଗ୍ରଣୀ ସୋସିଆଲ ସେଲିଂ ସୁଇଡିଶ୍ ବିୟୁଟି ବ୍ରାଣ୍ଡ୍ ଓରିଫ୍ଲେମ୍ ପକ୍ଷରୁ ମହିଳାଙ୍କ ଉପଯୋଗୀ ମେକଅପ୍ ଉତ୍ପାଦ ଦ ୱାନ୍ ଟ୍ରିମେଣ୍ଡସ୍ ଫିୟର୍ସ ମସ୍କାରା ଏବଂ ଦ ୱାନ୍ କଂଟୌରିଂ କିଟ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି । ଦ ୱାନ୍ କଂଟୌରିଂ କିଟ୍‌ରେ ୨ ଟି ନୂଆ ପ୍ୟାଲେଟସ୍ ପ୍ରତି ତ୍ୱଚା ଟୋନ୍ ପାଇଁ ରହିଛି । ଏହି ୩ ଇନ୍ ୧ କିଟ୍‌ରେ ବ୍ରୋ, ହାଇଲାଇଟସ୍ ଏବଂ ବ୍ଲସ୍ ଆଦି ବୈଶିଷ୍ଟ୍ୟ ରହିଛି । ଏହା ମାଇକ୍ରୋସ୍ପୋର ପାଉଡର ଦ୍ୱାରା ପ୍ରସ୍ତୁତ । ଏହା କୋମଳ ଏବଂ ଚିଂ।ମୁକ୍ତ ପ୍ରଭାବ ଉପଲବ୍ଧ କରାଇବାକୁ ସକ୍ଷମ ।ଆଖିର ଲୁକ୍‌କୁ ଆକର୍ଷଣୀୟ କରିବା ଲାଗି ଦ ୱାନ୍ ଟ୍ରିମେଣ୍ଡସ୍ ଫିୟର୍ସ ମସ୍କାରା ଉପଯୋଗୀ ସାବ୍ୟସ୍ତ ହେବ ।




ଏହା ଫିଲାଇନ୍ ଇନଷ୍ଟିକ୍ଟ ବ୍ରସ୍ ଦ୍ୱାରା କାର୍ଯ୍ୟ କରିଥାଏ । ଏହା ୱାଟର ପ୍ରୁଫ୍ ମସ୍କାରା । ଏହା ମହିଳାଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ । ଏହି ଅବସରରେ ଓରିଫ୍ଲେମର ପ୍ରବକ୍ତା କହିଲେ, ଦ ୱାନ୍ ବ୍ରାଣ୍ଡ୍‌ର ଦୁଇ ନୂଆ ଉତ୍ପାଦର ବଜାର କରି ଆମେ ବେ୍ ଆନନ୍ଦିତ । ଦ ୱାନ୍ ଟ୍ରିମେଣ୍ଡସ୍ ଫିୟର୍ସ ମସ୍କାରା ମହିଳାଙ୍କ ଆଖିର ଲାଶ୍‌କୁ ଆକର୍ଷଣୀୟ କରି ଗଢ଼ି ତୋଳିବ । ସେହିପରି ଦ ୱାନ୍ କଂଟୌରିଂ କିଟ୍ ମହିଳାଙ୍କୁ ଚିସେଲ୍ଡ ଲୁକ୍ ପ୍ରଦାନ କରିବାକୁ ସକ୍ଷମ ହେବ । ଏହାଦ୍ୱାରା ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସର ବୃଦ୍ଧି ଘଟିବ । ଏହି ନୂଆ ଉତ୍ପାଦ ବେଶ୍ ଲୋକପ୍ରିୟ ହୋଇ ପାରିବ ବୋଲି ଆମର ଆଶା ଓ ବିଶ୍ୱାସ ।

## ଛତିଶଗଡ଼ କଂଗ୍ରେସ ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

ଜୟପୁର:କୋରାପୁଟ ସାଂସଦ ତଥା ଛତିଶଗଡର କଂଗ୍ରେସ ପ୍ରଭାରୀ ଓ ଏଆଇସିସିର ସାଧାରଣ ସମ୍ପାଦକ ସପ୍ତଗିରି ଉଲ୍ଲକାଙ୍କୁ ଜୟପୁର ଜିଲା କଂଗ୍ରେସ ଭବନ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଛତିଶଗଡର ପ୍ରଭାରୀ ଭାବେ ଉଲ୍ଲକା ଦାୟିତ୍ୱ ନେବା ପରେ ସେ ପ୍ରଥମ ଥର ପାଇଁ ଜୟପୁର ଆସିଥିଲେ । ଏହି ଅବସରରେ ଜିଲା କଂଗ୍ରେସ, ନଗର କଂଗ୍ରେସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜାତୀୟ ରାଜପଥର ବିକାଶ, ବାଇପାସ୍ ରାସ୍ତାର ବିକାଶ କାର୍ଯ୍ୟ ଚାଲିଥିବା କଥା କହିଥିବା ବେଳେ ଖୁବ ଶିଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ଜୟପୁରରେ ହେବା ସହ ଏୟାରଷ୍ଟ୍ରିପରେ ବିମାନ ଚାଲିବା, ଜଗନ୍ନାଥ ସାଗରର ବିକାଶ ଆଦି ପାର୍ଲାମେଂଟରେ ଉଠାଇବା ନେଇ ସେ ସୂଚନା ଦେଇଥିଲେ । ଛତିଶଗଡର ପ୍ରଭାରି ଦାୟିତ୍ୱ ମିଳିଥିବାରୁ ସେ ଆସନ୍ତା ୨୦୨୩ ନିର୍ବାଚନରେ ଛତିଶଗଡରେ କିପରି କଂଗ୍ରେସ ସରକାର କରିବ ସେ ନେଇ କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି କୃଷ୍ଣ ନେପାକ ଓ ହସନ ମଦାନି,ପୂର୍ବତନ ବିଧାୟକ ନିମାଇ ସରକାର, ବ୍ରଜ ନାଗ, କାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟପୁର ବିଧାୟକଙ୍କ ମୋବାଇଲ ୧୦ ଦିନ ବନ୍ଦ ରହିବ

ଜୟପୁର : ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ମୋବାଇଲ ୧୦ ଦିନ ବନ୍ଦ ରହିବ । ଏନେଇ ବିଧାୟକ ବାହିନିପତି ୧ ମିନିଟ ୨୧ ସେକେଣ୍ଡର ଏକ ଭିଡିଓ ବାର୍ତାରେ ଜଣାଇଛନ୍ତି । ସେ କୋରନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଘରୋଇ ହସପିଟାଲରେ ଚିକିତ୍ସା ହେଉଥିଲେ । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବାରୁ ସେ ଭୁବନେଶ୍ୱର ଘରେ ରହିଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ୧୦ ଦିନ ମୋବାଇଲ ବନ୍ଦ ରହିବ । ୨୪ ଘଂଟା ଫୋନ ଆସିବାରୁ ସେ ବିଶ୍ରାମ ନେଇପାରୁ ନାହଁନ୍ତି । ଆବଶ୍ୟକ ସ୍ଥଳରେ ସେ ହାଇଦ୍ରାବାଦ ମଧ୍ୟ ଚିକିତ୍ସା ପାଇଁ ଯାଇପାରନ୍ତି ବୋଲି ପୋଲିସ ସୂଚନା ଦେଇଛି । ସେଥିପାଇଁ ଜୟପୁର ନିର୍ବାଚନ ମଣ୍ଡଳି, କୋରାପୁଟ ଜିଲା ଓ ରାଜ୍ୟବାସିଙ୍କୁ ସେ କ୍ଷମା ମାଗିଛନ୍ତି ।

## ଆମେରିକାରେ ଓଡ଼ିଆ ସାଂସ୍କୃତିକ କେନ୍ଦ୍ର ଉଦ୍‌ଘାଟିତ

ହ୍ୟୁଷ୍ଟନ : ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଟେକ୍‌ସାସ୍ ରାଜ୍ୟର ହ୍ୟୁଷ୍ଟନ ମହାନଗରୀରେ ଓଡ଼ିଶାର ଏକ ସାଂସ୍କୃତିକ କେନ୍ଦ୍ର ନିକଟରେ ପ୍ରତିଷ୍ଠା କରାଯାଇଥିବା ଜଣାଯାଇଛି । ଡଃ ଏସ୍.କେ. ଦାଶ ସେଣ୍ଟର ଫର ଓଡ଼ିଆ କଲ୍‌ଚର ନାମକ ଏହି କେନ୍ଦ୍ରକୁ ପ୍ରଖ୍ୟାତ ବୈଜ୍ଞାନିକ ଓ ସମାଜସେବୀ ଡଃ ସୀତକଣ୍ଠ ଦାଶ ଏବଂ ତାଙ୍କର ସହଧର୍ମିଣୀ କବୟିତ୍ରୀ କଳ୍ପନା ଦାଶ ପାରମ୍ପରିକ ଫିତା କାଟି ଉଦ୍‌ଘାଟନ କରିଥିଲେ । ୩୧୦୧, ଫିକଓ୍ୱେ ମାର୍ଗଠାରେ ଓରିସା କଲଚର ସେଣ୍ଟର (ଓ.ସି.ସି) ଦ୍ୱାରା ନିର୍ମିତ ଏହି ସୁନ୍ଦର, ସୁଶୋଭିତ ତଥା ସୁରମ୍ୟ କେନ୍ଦ୍ରଟି ବୃହତ୍ ହ୍ୟୁଷ୍ଟନଠାରେ ବସବାସ କରୁଥିବା ଓଡ଼ିଆ ଅଧିବାସୀମାନଙ୍କ ପାଇଁ ଏକ ବହୁମୁଖୀ କଲ୍ୟାଣ ମଣ୍ଡପ ତଥା ସାମାଜିକ ଓ ସାଂସ୍କୃତିକ ପୀଠସ୍ଥଳୀ ଭାବରେ କାର୍ଯ୍ୟ କରିବ ବୋଲି ଜଣାଯାଇଛି । ୨୦୦୯ ମସିହାରେ ପ୍ରତିଷ୍ଠିତ ଓ.ସି.ସି, ସଂସ୍କୃତି, ସାହିତ୍ୟ, ଧର୍ମ ଏବଂ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ରକ୍ଷାକାରୀ ଏକ ଅନନ୍ୟ ମଞ୍ଚ ଭାବରେ ଉଦ୍‌ଭବ ହେବାକୁ ଚାହୁଁଥିବା ଉଦ୍ୟୋକ୍ତାମାନଙ୍କ ସୂତ୍ରରୁ ପ୍ରକାଶ । ଭବିଷ୍ୟତରେ ଏଠାରେ ମନ୍ଦିର, ପାଠାଗାର ଓ ସଂଗ୍ରହାଳୟ ଆଦି ସ୍ଥାପନ କରାଯିବାର ଯୋଜନା ରହିଛି । ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ଡଃ ସୀତକଣ୍ଠ ଦାଶ, ଏହି ସାଂସ୍କୃତିକ କେନ୍ଦ୍ର ଟେକସାସ୍ ତଥା ଆମେରିକାରେ ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ, ପରମ୍ପରା, ଐତିହ୍ୟ, ପର୍ଯ୍ୟଟନ, ପରିପାଟୀ ଏବଂ ବ୍ୟଞ୍ଜନକୁ ପ୍ରସାର, ପ୍ରଚାର ତଥା ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ



କରିବ ବୋଲି ଆଶା ପ୍ରକାଶ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରି ଓ.ସି.ସିର ଅଧ୍ୟକ୍ଷ ଡଃ ଆଦିତ୍ୟ ସାମଲ, ହ୍ୟୁଷ୍ଟନସ୍ଥିତ ଓଡ଼ିଆ ସମ୍ପ୍ରଦାୟଙ୍କ ମଧ୍ୟରେ ଆପୋଷ ସମ୍ପର୍କକୁ ସୁଦୃଢ଼ କରିବା ତଥା ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ସ୍ଥାପନ କରାଯାଇଥିବା ଦର୍ଶାଇଥିଲେ । ସଭାକୁ ସମ୍ବୋଧନ କରି ଓ.ସି.ସିର ସଭାପତି ଡଃ ଦେବାନନ୍ଦ ପତି, ଏହି କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ହ୍ୟୁଷ୍ଟନର ଓଡ଼ିଆ ଅଧିବାସୀମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଥିବା ସୁଚାଇଥିଲେ । କେନ୍ଦ୍ରର ଉତ୍ତୋରତ୍ତର ଉନ୍ନତି ପାଇଁ ଡଃ ପତି ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ଏହି ଉପଲକ୍ଷେ ଓ.ସି.ସି ତରଫରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ନବନିର୍ମିତ କମ୍ୟୁନିଟୀ ହଲ୍‌ଠାରେ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀବଳଭଦ୍ର, ଦେବୀ ଶୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶନଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ମୁଖ୍ୟ ଅତିଥି ଡଃ ଦାଶ ସସ୍ତ୍ରୀକ ଦିଅଁମାନଙ୍କଠାରେ ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ଏହା ପୂର୍ବରୁ ଏଠାରେ ଅଙ୍କୁରୋପଣ, ଅଧୀବାସ, କଳସ ଯାତ୍ରା, ବାସ୍ତୁ ପୂଜା, ବିଷ୍ଣୁ ଏବଂ ଜଗନ୍ନାଥ ସହସ୍ର ନାମ ଯଜ୍ଞ ଆଦି ଧାର୍ମିକ ବିଧି ଯଥାରିତୀ ସମ୍ପନ୍ନ କରାଯାଇଥିଲା । ଚାରି ଠାକୁରଙ୍କୁ ପହଣ୍ଡି କରି ଘଣ୍ଟ, କର୍ତ୍ତାଳ, ଝାର ଘୋର ଘର୍ଗରନାଦ ଏବଂ ଜୟ ଜଗନ୍ନାଥ ଧ୍ୱନୀ ମଧ୍ୟରେ ସିଂହାସନକୁ ନିଆଯାଇଥିଲା । ବିଶେଷ କରି ମହିଳାମାନଙ୍କଦ୍ୱାରା ଦେବୀ ଶୁଭଦ୍ରାଙ୍କର ପହଣ୍ଡି ବିଜେର ଦୃଶ୍ୟ ବେଶ୍ ମନୋରମ ଥିଲା । ଚାରି ଦିନ ବ୍ୟାପୀ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବର ବିଭିନ୍ନ ଦିବସରେ ସ୍ୱାମୀ ସର୍ବପ୍ରିୟ ନନ୍ଦ ଏବଂ ଡଃ ସୂର୍ଯ୍ୟନାରାୟଣ ନନ୍ଦ ପ୍ରବଚନ ପ୍ରଦାନ କରିଥିଲେ । ଏହି ଅବସରରେ ଡଃ ନିତ୍ୟାନନ୍ଦ ଉପାଧ୍ୟାୟ ଓ ଶ୍ରୀମତୀ ପ୍ରଜ୍ଞାନ ଉପାଧ୍ୟାୟ, ଆନନ୍ଦ ବଜାରର ଶୁଭାରମ୍ଭ କରିଥିବାବେଳେ ଡଃ ଅରୁଣ ବର୍ମା ଓ ଶ୍ରୀମତୀ ଭିନ୍ନୀ ବର୍ମା, ଶ୍ରୀ ସୀତାରାମ ପ୍ରତିଷ୍ଠାନ ହଲ୍‌କୁ ଉଦ୍‌ଘାଟନ କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟର ହ୍ୟୁଷ୍ଟନ ଠାରେ ଅବସ୍ଥାପିତ ଭାରତର କନ୍‌ସଲ୍ ଜେନେରାଲ ଅସୀମ ମହାଜନ, ହ୍ୟୁଷ୍ଟନର ମେୟର ସିଲଭେଷ୍ଟର ଟର୍ନର, ବିଚାରପତି କେ.ପି. ଜର୍ଜ, ସମ୍ପ୍ରଦାୟ ସମ୍ପର୍କ ବିଶେଷଜ୍ଞ ବେଟ୍ଟୀ ରୁସୋ, ଓ.ସି.ସିର ଉପସଭାପତି ମାଧବ ମହାରଣା, କୋଷାଧ୍ୟକ୍ଷ ଦେବାଶିଷ ମହାନ୍ତି, ସମ୍ପାଦକ ଶ୍ରୀମନ୍ତି ଦାଶ, ଓସାର ଦକ୍ଷିଣପଶ୍ଚିମ ଚାପ୍‌ଟରର ସଭାପତି ସ୍ୱରୁପ ପଣ୍ଡା, ଡଃ ଯାମିନୀ ନୟାଗାନ୍ଧୀ, ଡଃ ଗୋପାଳ ମହାପାତ୍ର, ଦିଲ୍ଲୀପ ପାତ୍ର, ବିକ୍ରମ କୁମାର, ଡଃ ଆରତୀ ନନ୍ଦ ପତି, ଆବିଜର ତଏବଜି, ଶ୍ରୁତି ମହାନ୍ତି ରାଉତ, ବ୍ରିଜେଶ ରାଉତ, ଜ୍ୟୋତ୍ସ୍ନା ଜେନା ଓ ଗିରୀଶ କୁମାର ଲେଙ୍କା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray